# ଆଲୋଚନାରେ ସୀମିତ ବିମାନ ବନ୍ଦର ଓ ଆର୍‌ଏସ୍‌ପି ସମ୍ପ୍ରସାରଣ

**ରାଉରକେଲା, ୨୯।୧(ସମିସ)**

ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ କାର୍ଯ୍ୟ ଓ ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ କାର୍ଯ୍ୟ କେବଳ ଆଲୋଚନାରେ ସୀମିତ ରହିଯାଇଛି। ଗତକାଲି ରାଉରକେଲା ଆସିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ କାର୍ଯ୍ୟ ଓ ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ନେଇ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ, ବିଭାଗୀୟ ମୁଖ୍ୟ ସଚିବଙ୍କ ସହ ୩ ଥର ବୈଠକ କରି ଆଲୋଚନା କରିଥିଲେ। ଏହି ସମୟରେ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ହେଁ ଆଲୋଚନାର ନିଷ୍କର୍ଷ ସ୍ପଷ୍ଟ କରି ନଥିଲେ।




ଗତ ନଭେମ୍ବର ୧୯ରେ କେନ୍ଦ୍ର ଇସ୍ପାତ ଏବଂ ଭାରୀ ଶିଳ୍ପ ମନ୍ତ୍ରୀ ଏଚ୍‌ଡି ସ୍ୱାମୀ ରାଉରକେଲା ଗସ୍ତରେ ଆସିଥିଲେ। ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନ ରହିଥିବା ଏବଂ ଆରଏସପିର ଉତ୍ପାଦନ କ୍ଷମତାକୁ ଖୁବ୍‌ଶୀଘ୍ର ବାର୍ଷିକ ୯.୫ ନିୟୁତ ଟନ୍‌କୁ ବୃଦ୍ଧି କରାଯିବାର ଯୋଜନା ରହିଛି ବୋଲି କହିଥିଲେ। ଜବରଦଖଲକାରୀ ବିସ୍ଥାପିତଙ୍କୁ ଥଇଥାନ ପରେ ଆସନ୍ତା ୨୦୨୬ ସୁଦ୍ଧା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବ ଏବଂ ପ୍ରାୟ ୩ ବର୍ଷ ମଧ୍ୟରେ ଏହି କାର୍ଯ୍ୟ ସମ୍ପନ୍ନ ବୋଲି ସେ କହିଥିଲେ। ସେହିପରି ଆଗାମୀ ୪/୫ ବର୍ଷରେ ରାଉରକେଲା ବିମାନବନ୍ଦର କାର୍ଯ୍ୟକ୍ଷମ କରି ନିୟମିତ ବିମାନ ଚଳାଚଳ କରାଯିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଚାଲିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ସ୍ୱାମୀ କହିଥିଲେ। ତେବେ ଉଭୟ ସମ୍ପ୍ରସାରଣ କାର୍ଯ୍ୟର ବାସ୍ତବ ସ୍ଥିତି ତ୍ୱରାନ୍ୱିତ ହୋଇଥିବା ବିଷୟ ଆଦୌ ଜଣାପଡୁନାହିଁ। ଗତକାଲି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଉରକେଲା ବିମାନବନ୍ଦରରେ ୪ସି ଲାଇସେନ୍ସ ପାଇଁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିବା ବେଳେ ଏ ନେଇ ବିଭାଗୀୟ କେନ୍ଦ୍ରମନ୍ତ୍ରୀ, ବିଭାଗୀୟ ରାଜ୍ୟ ସରକାରଙ୍କ ସଚିବଙ୍କ ସହ ୩ ଥର ଆଲୋଚନା ହୋଇ ସମୀକ୍ଷା ସରିଛି। ଏ ନେଇ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି। ଉନ୍ନୟନ କମିଶନର ଦେଓରଞ୍ଜନ ସିଂହ ୩ ଥର ରାଉରକେଲା ଗସ୍ତ କରି ଆରଏସପି ସମ୍ପ୍ରସାରଣ କାର୍ଯ୍ୟ ଓ ବିମାନ ବନ୍ଦର ସମ୍ପ୍ରସାରଣ ନେଇ ସମୀକ୍ଷା କରି ସାରିଛନ୍ତି ବୋଲି ସେ କହିଥିଲେ। ଅପରପକ୍ଷେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବ କହିଛନ୍ତି ଯେ ଆରଏସପି ସମ୍ପ୍ରସାରଣ କାର୍ଯ୍ୟ ପାଇଁ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଉଚ୍ଚ ସ୍ତରୀୟ କମିଟି ଗଠନ କରାଯାଇଛି। ୩୦ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ସମ୍ପ୍ରସାରଣ କାର୍ଯ୍ୟରେ ଜମି ଅଧିଗ୍ରହଣ ଓ ବିସ୍ଥାପିତଙ୍କ ସମସ୍ୟା ସମାଧାନ ପାଇଁ ଆଲୋଚନା ଚାଲିଛି।

**୧୫ ଏକର ଜମିରେ ଜବରଦଖଲକାରୀଙ୍କୁ ଥଇଥାନ**

ଆରଏସପିର ମୋଟ ୨୩୮୦ ଏକର ଜମି ଜବରଦଖଲରେ ରହିଥିବା ବେଳେ ସେଥିମଧ୍ୟରୁ ୧୮୮୦ ଏକର ଜବରଦଖଲ ଜମିରେ ଆରଏସପି ସମ୍ପ୍ରସାରଣ କାର୍ଯ୍ୟ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇ ୧୫ ଏକର ଜମିରେ କଲୋନୀ ନିର୍ମାଣ କରାଯାଇ ଥଇଥାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ରାଜ୍ୟ ଉଷୁ ପ୍ରତିଯୋଗିତାରେ ସୁନ୍ଦରଗଡ଼ର ସଫଳତା



**ରାଉରକେଲା, ୨୯।୧(ସମିସ):** ଭୁବନେଶ୍ୱର ସ୍ଥିତ ରୟାଲ କଲେଜ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଠାରେ ୩୧ତମ ରାଜ୍ୟ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କ୍ରୀଡା ଓ ଯୁବସେବା ବିଭାଗର ସ୍ୱତନ୍ତ୍ର ଅଧିକାରୀ ଧିରଜ୍ ପଟ୍ଟନାୟକ, କ୍ଷଣପ୍ରଭା ଷଡଙ୍ଗୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଉଷୁ ସଂଘ ପ୍ରତିଷ୍ଠାତା ତଥା ଅଧକ୍ଷ ଇ.ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ରାଜ୍ୟର ୨୧ଟି ଜିଲ୍ଲାରୁ ୩୫୦ ପ୍ରତିଯୋଗୀ ଓ ୫୦ ଜଣ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାର ୩୨ ଜଣ ଖେଳାଳି, ୨ ଜଣ ଅଧିକାରୀ ସ୍ପୋର୍ଟସ ଉଷୁ ସଂଘ ସୁନ୍ଦରଗଡ଼ ତତ୍ତ୍ୱାବଧାନରେ ପ୍ରତିନିଧିତ୍ୱ କରିଥିଲେ। ଉପସଭାପତି ଟିକା ବାହାଦୁର ଓ ସମ୍ପାଦକ ସୁଜନ ରଥ ବୈଷୟିକ ଅଧିକାରୀ ଦାୟିତ୍ୱ ତୁଲାଇ ଥିଲେ। କନିଷ୍ଠ ବର୍ଗରେ ସୁନ୍ଦରଗଡ଼ ଦଳ ୯ଟି ସ୍ୱର୍ଣ୍ଣ ପଦକ ସହ ଦଳଗତ ବିଜେତା ହୋଇଥିବା ବେଳେ ବରିଷ୍ଠ ବର୍ଗରେ ୯ଟି ସ୍ୱର୍ଣ୍ଣ ପଦକ ସହ ଉପବିଜେତା ଏବଂ ୪ଟି ସ୍ୱର୍ଣ୍ଣ ପଦକ ସହ ଉପ କନିଷ୍ଠ ଦଳ ଦ୍ୱିତୀୟ ଉପବିଜେତା ଟ୍ରଫି ହାସଲ କରିଥିଲା। ସୁନ୍ଦରଗଡ଼ ଉଷୁ ଦଳର ଏହି କ୍ରମାଗତ ସଫଳତା ପାଇଁ ଜିଲ୍ଲା ଉଷୁ ସଂଘ ସଭାପତି ବିରଞ୍ଚି ନାରାୟଣ ପଟ୍ଟନାୟକ, ଉପସଭାପତି ଟିକା ବାହାଦୁର, ଯୁଗ୍ମ ସମ୍ପାଦକ ଅଜୟ ଲାକ୍ରା, ଖେଳପ୍ରେମୀ ଓପି ସିଂ, ବାସୁଦେବ ବାନାର୍ଜୀ, ରାଇମା କ୍ଲବ୍ କ୍ରୀଡା ଉପନିର୍ଦ୍ଦେଶକ ସୁଦୀପ୍ତ ନାୟକ ଶୁଭେଚ୍ଛା ଜଣାଇଛନ୍ତି।

## ଲୋଡିଂ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଞ୍ଚଳର ଗାଡ଼ି ମାଲିକଙ୍କ ଅଭିଯୋଗ



**ବଣାଇ, ୨୯।୧(ସମିସ):** ବଣାଇ ଅଞ୍ଚଳର ସ୍ଥାନୀୟ ଗାଡି ମାଲିକମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଟେନସା ସେକ୍ଟରରେ ଲୋଡିଂ କାର୍ଯ୍ୟ ସମ୍ପର୍କିତ ଦୀର୍ଘଦିନର ଅମିମାଂସିତ ସମସ୍ୟାଗୁଡିକ ବିଷୟରେ ଅବଗତ କରାଇଛନ୍ତି। ଗତ ୬ମାସ ଧରି ଟେନସା ସେକ୍ଟରରେ ସ୍ଥାନୀୟ ଯାନଗୁଡିକୁ ଲୋଡିଂ ବେଳେ ସମସ୍ୟା ଦେଖାଦେଉଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ ବଣାଇ ଉପଖଣ୍ଡ ପ୍ରଶାସନ ଓ ସ୍ଥାନୀୟ ପୁଲିସ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି। ଗାଡ଼ି ମାଲିକମାନେ ଜିଲ୍ଲାପାଳ କାର୍ଯ୍ୟାଳୟ, ଏସ୍‌ଡିପିଓ କାର୍ଯ୍ୟାଳୟ ଓ ସ୍ଥାନୀୟ ପୁଲିସ ଥାନାକୁ ଅନେକଥର ଯାଇ ଅଭିଯୋଗ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ବାଧ୍ୟ ହୋଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିବା କହିଥିଲେ। ଏହି ମାମଲାକୁ ଗୁରୁତ୍ୱର ସହିତ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିନିଧି ମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଛନ୍ତି। ଟେନସା ସେକ୍ଟରର ଗୀତାରାଣୀ ମାଇନ୍ସ ଓ ପିଟିଏ ଅଞ୍ଚଳରୁ ବଣାଇର ସମସ୍ତ ସ୍ଥାନୀୟ ଯାନଗୁଡିକୁ ଲୋଡିଂ ସୁଯୋଗ ମିଳିବା ପାଇଁ ଯଥୋଚିତ ଯୋଜନା ପ୍ରସ୍ତୁତ କରାଯିବ ବୋଲି ପ୍ରତିନିଧିମାନଙ୍କୁ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ପରେ ଦୀର୍ଘ ସମୟ ଧରି ଲୋଡିଂ କାମ ପାଇଁ ସଂଘର୍ଷ କରୁଥିବା ସ୍ଥାନୀୟ ଗାଡି ମାଲିକମାନଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର ହୋଇଛି।

## ଆର୍‌ଏମ୍‌ସିର ପୂର୍ବତନ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଦୋଷୀ ସାବ୍ୟସ୍ତ ପରେ ପେନସନ ବନ୍ଦ

**ରାଉରକେଲା, ୨୯।୧(ସମିସ):** ରାଉରକେଲା ମହାନଗର ନିଗମର ଅବସରପ୍ରାପ୍ତ ବହୁମୁଖୀ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ରାମନାଥ ଦାସ ଭିଜିଲାନ୍ସ କୋର୍ଟ ଦ୍ୱାରା ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହାପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କର ପେନସନ ବନ୍ଦ କରିବା ପାଇଁ ସୁପାରିଶ କରାଯାଇଛି। ୧୯୯୯-୨୦୦୧ ବର୍ଷରେ ଜାଲିଆତି କରିବା ଏବଂ ରାଉରକେଲା ପୌରପାଳିକା ଅଧୀନରେ କାର୍ଯ୍ୟରତ ଏନଏମଆର ମାନଙ୍କୁ ମିଥ୍ୟା ଦେୟ ମାଧ୍ୟମରେ ସରକାରୀ ପାଣ୍ଠିର ଦୁରୁପଯୋଗ ଅଭିଯୋଗ ତାଙ୍କ ବିରୋଧରେ ରହିଥିଲା। ଏହି ମାମଲାରେ ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବହୁମୁଖୀ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ରାମନାଥ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ଶ୍ରୀ ଦାସଙ୍କ ପେନସନ ବନ୍ଦ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯାଇଛି।

## କାର୍ ଧକ୍କାରେ ବୃଦ୍ଧ ଆହତ

**ରାଉରକେଲା, ୨୯।୧(ସମିସ):** ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀ ଠାରେ ଜଣେ ବୃଦ୍ଧଙ୍କୁ କାର ଧକ୍କା ଦେଇଛି। ଫଳରେ ସେ ଆହତ ହୋଇଥିବା ଜଣାପଡ଼ିଛି। ମାଲଗୋଦାମ ବସ୍ତି ଆଡକୁ କାରଟି ଯାଉଥିଲା। ହଠାତ୍ ସାଂସ୍କୃତିକ ପରିଷଦ ନିକଟରେ ବୃଦ୍ଧଙ୍କୁ ଧକ୍କା ଦେଇ ଡିଭାଇଡର ଉପରକୁ ଚଢ଼ି ଯାଇଥିଲା। ଫଳରେ ବୃଦ୍ଧ ଜଣକ ରାସ୍ତାରେ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଚାଳକ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ବେପରୁଆ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ଚାକିରି ନ ମିଳିବାରୁ ଜୀବନ ହାରିଲେ ଯୁବକ

**ବଣାଇଁ, ୨୯।୧(ସମିସ):** ବଣାଇଁ ଥାନା ଅଧୀନ ଘୋଷରା ଗାଁରେ ଗୁରୁବାର ଜଣେ ଯୁବକ ଘରେ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଘୋଷରା ଗାଁର ଦୀପକ କିଷାନ (୧୯) ଗତ କିଛିଦିନ ହେବ ଅଗ୍ନିବୀର ଭାବେ ଯୋଗଦେବାକୁ ଆବେଦନ କରିଥିଲେ। ଏଥିପାଇଁ ପୁଲିସ ଭେରିଫିକେସନ ବେଳେ ଚରିତ୍ର ସାର୍ଟିଫିକେଟ ଆବେଦନ କଲା ପରେ ତାଙ୍କ ନାମରେ ପୂର୍ବରୁ ଏକ ମକଦ୍ଦମା ରହିଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଥିଲେ। ଜୀବନରେ କେବେ ବି ଚାକିରି ଖଣ୍ଡେ କରିପାରିବେ ନାହିଁ ବୋଲି ତାଙ୍କର ଆଶଙ୍କା ସୃଷ୍ଟି ହୋଇଥିଲା। ସେହି ଚିନ୍ତାରେ ଆଜି ମଧ୍ୟାହ୍ନରେ ଘରେ ସମସ୍ତେ ଗାଧୋଇବାକୁ ଯାଇଥିବା ବେଳେ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକ ଫେରିବା ପରେ ଘରେ ଝୁଲନ୍ତା ଅବସ୍ଥାରେ ତାଙ୍କୁ ଦେଖିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଣାଇଁ ପୁଲିସ ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ପରିବା ବୋଝେଇ ଅଟୋ ଓଲଟିଲା

**ରାଉରକେଲା, ୨୯।୧(ସମିସ):** ମୁଖ୍ୟ ରାସ୍ତାରେ ପରିବା ନେଇ ଯାଉଥିବା ଏକ ଅଟୋ ଗୁରୁବାର ଓଲଟି ପଡ଼ିଛି। ଫଳରେ କିଛି ପରିବା ନଷ୍ଟ ହୋଇଥିବା ବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଡେଲି ମାର୍କେଟରୁ ଉଦିତନଗର ଆଡକୁ ୩ ଚକିଆ ଅଟୋ ଯୋଗେ ପରିବା ଯାଉଥିଲା। ହଠାତ୍ ଲାଲ ବିଲ୍ଡିଂ ଛକ ଠାରେ ଅଟୋଟି ଓଲଟି ପଡ଼ିଥିଲା। ଫଳରେ କିଛି ସମୟ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ପରିବା ସବୁ ରାସ୍ତାରୁ ହଟାଇବା ପରେ ଯାତାୟତ ସମସ୍ୟା ଦୂର ହୋଇଥିଲା। ଓଭରଲୋଡିଂ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଲୋକେ କହିଛନ୍ତି।

## ପାଠ୍ୟକ୍ରମ ରୂପରେଖ ଓ ନୂତନ ପାଠ୍ୟପୁସ୍ତକ ପାଇଁ ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର

**ରାଉରକେଲା, ୨୯।୧(ସମିସ):** ସ୍ଥାନୀୟ ସେକ୍ଟର-୨୦ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଗୁରୁବାର ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିସ୍ରା ବ୍ଲକ୍ ଶିକ୍ଷାଧିକାରୀ ସୁପ୍ରଭାତ ବେହେରା ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମାଧୁରୀ କେର୍କେଟା ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଥମ ଅଧିବେଶନରେ ପ୍ରଶିକ୍ଷଣର ମୂଳନୀତି ଓ ଉଦ୍ଦେଶ୍ୟ, ଦ୍ୱିତୀୟ ଅଧିବେଶନରେ ଜାତୀୟ ଶିକ୍ଷାନୀତି ୨୦୨୦ ସମ୍ବନ୍ଧରେ ବ୍ଲକ୍ ଶିକ୍ଷାଧିକାରୀ ଶ୍ରୀ ବେହେରା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତୃତୀୟ ଓ ଚତୁର୍ଥ ଅଧିବେଶନରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ, ସାମଗ୍ରିକ ଦୃଷ୍ଟି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ଆରଇସି କ୍ଲଷ୍ଟର ସିଆରସିସି ସିପ୍ରା ସାହୁ, ପୋଗ୍ରାବାହାଲ କ୍ଲଷ୍ଟର ସିଆରସିସି ଗୋବିନ୍ଦଚନ୍ଦ୍ର ସେଠି, ବରସୁଆଁ କ୍ଲଷ୍ଟର ସିଆରସିସି ଜନ୍ ପ୍ରକାଶ ଲମ୍‌ଗା, ଆର୍‌ଭି କ୍ଲଷ୍ଟର୍ ସିଆରସିସି ମନୋଜ ମିଶ୍ର ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୬ଟି କ୍ଲଷ୍ଟରର ୧୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ଶିବିର ଆସନ୍ତା ୪ ତାରିଖରେ ଉଦ୍‌ଯାପିତ ହେବ ବୋଲି ସୂଚନା ରହିଛି।

## ସେଲ୍‌କୁ ଲଗାତାର ୩ୟ ଥର 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ପ୍ରମାଣପତ୍ର

**ରାଉରକେଲା, ୨୯।୧(ସମିସ):** ଭାରତର ସର୍ବବୃହତ ରାଷ୍ଟ୍ରାୟତ ଇସ୍ପାତ ନିର୍ମାତା ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍‌ଫ), ୨୦୨୬ ଫେବୃଆରୀରୁ ୨୦୨୭ ଫେବୃଆରୀ ପର୍ଯ୍ୟନ୍ତ ସମ୍ମାନଜନକ 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ସାର୍ଟିଫିକେସନ୍ ହାସଲ କରିଛି। ଏହି ପ୍ରମାଣପତ୍ର ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନଷ୍ଟିଚ୍ୟୁଟ୍, ଇଣ୍ଡିଆ ଦ୍ୱାରା କମ୍ପାନୀ-ବ୍ୟାପୀ ମୂଲ୍ୟାଙ୍କନ ପରେ ପ୍ରଦାନ କରାହୋଇଥାଏ। ସେଲ୍‌ଫକୁ ଏହି ପ୍ରମାଣପତ୍ର ଲଗାତାର ତୃତୀୟ ଥର ପାଇଁ ପ୍ରଦାନ କରାଯାଇଛି। ଏହି ମାନ୍ୟତା ସମସାମୟିକ, ତ୍ୱରିତ ଏବଂ ଏହାର କର୍ମଚାରୀଙ୍କ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଅଭିବୃଦ୍ଧି ସହିତ ଏକ ସୁସ୍ଥ କର୍ମକ୍ଷେତ୍ର ସଂସ୍କୃତିକୁ ପୋଷଣ କରିବା ପାଇଁ ସେଲ୍‌ଫର ସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନଷ୍ଟିଚ୍ୟୁଟ୍ କାର୍ଯ୍ୟକ୍ଷେତ୍ର ସଂସ୍କୃତି ଉପରେ ଏକ ବିଶ୍ୱସ୍ତରୀୟ ପ୍ରାଧିକରଣ। ଏହାର କଠୋର



ମୂଲ୍ୟାଙ୍କନ ପ୍ରକ୍ରିୟା ଉତ୍ତମ କର୍ମଚାରୀ ଅଭିଜ୍ଞତା ପ୍ରଦାନ କରୁଥିବା ସଂଗଠନ ଗୁଡିକୁ ସମ୍ମାନିତ କରେ। ସେଲ୍‌ଫ ନିରନ୍ତର ଭାବେ ପ୍ରଗତିଶୀଳ ମାନବ ସମ୍ବଳ ପଦକ୍ଷେପ ଗୁଡିକୁ କାର୍ଯ୍ୟକାରୀ କରିଆସୁଛି। ସେଲ୍‌ଫ ଦର୍ପଣ - ଏକ ସ୍ୱଚ୍ଛ, କାର୍ଯ୍ୟଦକ୍ଷତା ଚାଳିତ କର୍ମକ୍ଷେତ୍ର ଆଡକୁ ଏକ ପଦକ୍ଷେପ ଯେଉଁଠାରେ ମୂଲ୍ୟାଙ୍କନ ଏବଂ ଲକ୍ଷ୍ୟ ସ୍ଥିରତା ସଂଗଠନ ଲକ୍ଷ୍ୟ ସହିତ ବସ୍ତୁନିଷ୍ଠତା ଏବଂ ସମନ୍ୱୟକୁ ପ୍ରତିଫଳିତ କରେ। ଯାହା କର୍ମଚାରୀମାନଙ୍କ ଅଭିବୃଦ୍ଧିକୁ ସଶକ୍ତ କରେ। ଅନ୍ୟ ଏକ ପ୍ରମୁଖ ଅଗ୍ରଣୀ ପଦକ୍ଷେପ ମଧ୍ୟରେ ଆଇଆଇଏମ (କୋଝିକୋଡ, ବାଙ୍ଗାଲୋର, ଜମ୍ମୁ, ରାୟପୁର, ରାଞ୍ଚି) ଏବଂ ଏକ୍ସଏଲଆରଆଇ ଏବଂ ଏଏସସିଆଇ ଭଳି ପ୍ରସିଦ୍ଧ ପ୍ରତିଷ୍ଠାନ ସହିତ ଏମଓୟୁ ଅଧୀନରେ ଅଧିକାରୀମାନଙ୍କ ପାଇଁ ଡୋମେନ୍-ପରିବର୍ତ୍ତନ ସୁଯୋଗ ପ୍ରଦାନ କରିବା, ଯାହା ମାର୍କେଟିଂ ଏବଂ ଏଚଆର ଉପରେ ଧ୍ୟାନ କେନ୍ଦ୍ରିତ କରେ। ଏହି ଅବସରରେ ସେଲ୍‌ଫର ଅଧ୍ୟକ୍ଷ ଅମରେନ୍ଦୁ ପ୍ରାପ୍ତ ପ୍ରମାଣପତ୍ର ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ଏହି ମାନ୍ୟତା କର୍ମଚାରୀମାନଙ୍କ ସଂଗଠନ ପ୍ରତି ରଖିଥିବା ବିଶ୍ୱାସ ଏବଂ ଆମେ ସାମୂହିକ ଭାବେ ନିର୍ମାଣ କରୁଥିବା ସଂସ୍କୃତିର ପ୍ରତିଫଳନ ବୋଲି ସେ ମତବ୍ୟକ୍ତ କରିଥିଲେ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନଚୈନଂ କ୍ଲେଦୟନ୍ତାପୋ ନ ଶୋଷୟତି ମା ମାରୁତଃ ।

ତୃତୀୟ ଶ୍ରାଦ୍ଧ ବାର୍ଷିକୀ
ଭକ୍ତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



୰ ନବ କିଶୋର ଦାସ
ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ
୦୭.୦୧.୧୯୬୧- ୨୯.୦୧.୨୦୨୩

"ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ
ମହାପ୍ରଭୁଙ୍କ ପଦାରବିନ୍ଦରେ ଆମେ ପ୍ରାର୍ଥନା କରୁଛୁ ।"



ସୁଶ୍ରୀ ଦିପାଳୀ ଦାସ
ପୂର୍ବତନ ବିଧାୟିକା, ଝାରସୁଗୁଡା



ବିଶାଳ ଦାସ
ଯୁବ ନେତା

ଓଁ ଦାସ ପରିବାର

## 'ପରିଚୟ' ପକ୍ଷରୁ ଆନ୍ତଃ ମହାବିଦ୍ୟାଳୟ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ





**ରାଉରକେଲା, ୨୯।୧(ସମିସ)**

ସ୍ଥାନୀୟ ସିଭିକ ସେଣ୍ଟର ଠାରେ ଗୁରୁବାର ପ୍ରସିଦ୍ଧ ନାଟ୍ୟ ସଂଗଠନ 'ପରିଚୟ' ପକ୍ଷରୁ ୫ମ ଆନ୍ତଃ ମହାବିଦ୍ୟାଳୟ ଓଡ଼ିଆ ନାଟକ ପ୍ରତିଯୋଗିତା ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଶୋକ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନାଟକ

**ପ୍ରଥମ ସନ୍ଧ୍ୟାରେ ୫ଟି ନାଟକ ମଞ୍ଚସ୍ଥ**

ସଂଧ୍ୟାକୁ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଶ୍ରମିକ ନେତା ସମାଜସେବୀ ରମେଶ ଚନ୍ଦ୍ର ସେଠୀ, ସୋମନାଥ ପାଢ଼ୀ ଏବଂ ସନ୍ତୋଷ ବିଶ୍ୱାଳ ଯୋଗ ଦେଇଥିଲେ। ସମ୍ପାଦକ ପଞ୍ଚାନନ ପାତ୍ର ନାଟକ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ପଞ୍ଚାନନ ମହାପାତ୍ର, ରାହୁଲରଜକ, ଗାୟତ୍ରୀ ବିଶୋଇ, ପ୍ରଜ୍ଞା ପରମିତା ପାଣିଗ୍ରାହୀ, ପୂଜା ସେନାପତି, ବିଜୟ ଦାସ, ବିଶ୍ୱଜିତ୍ ମହାପାତ୍ର, ସରନନ୍ଦ ବରାଳ, ପାୟଲ ନାୟକ, ଦିନେଶ ନନ୍ଦ, ମାନସ ସାହୁ ପ୍ରମୁଖ ନାଟକ ପରିଚାଳନାରେ ସହଯୋଗ କରିଥିଲେ। ଆଜି ସଂଧ୍ୟାରେ ପ୍ରଥମ ନାଟକ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ଦ୍ୱାରା ଅଧ୍ୟାପିକା ମହାଶ?ବେତା ସାହୁଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'ଭୋକ' ମଞ୍ଚସ୍ଥ ହୋଇଥିଲା। ଏହି ନାଟକର ବିଭିନ୍ନ ଚରିତ୍ରରେ ପାୟଲ ପାଣି, ପୂର୍ଣ୍ଣମାସି ସାହୁ, ଅଞ୍ଜଳି ଗୌଡ, ଅଙ୍କିତା ସାହୁ, ପୂଜା ମହାନ୍ତି, ଅମ୍ରିତା ବାରିକ ଅଭିନୟ କରିଥିଲେ। ସେହିପରି ୨ୟ ନାଟକଟି କଲ୍ୟାଣୀ ରାୟ ଡିଗ୍ରୀ ମହାବିଦ୍ୟାଳୟ ଦ୍ୱାରା ସୁଲିପ୍ତା ଜେନାଙ୍କ ନିର୍ଦ୍ଦେଶିତ ନାଟକ 'ସ୍ୱାଧୀନତା' ମଞ୍ଚସ୍ଥ ହୋଇଥିଲା। ୩ୟ ନାଟକ ହୃଷିକେଶ ରାୟ ଡିଗ୍ରୀ ମହାବିଦ୍ୟାଳୟ ଦ୍ୱାରା ରାଜଲକ୍ଷ୍ମୀ ଦାସଙ୍କ ନିର୍ଦ୍ଦେଶିତ ନାଟକ 'ଶୁଣିବା ହେଉ ଏ କାହାଣୀ' ମଞ୍ଚସ୍ଥ ହୋଇଥିଲା। ସେହିପରି ୪ର୍ଥ ନାଟକ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ଦ୍ୱାରା ନାଟକ 'ସ୍ୱପ୍ନର ସମାଧି' ମଞ୍ଚସ୍ଥ ହୋଇଥିଲା। ଏହାକୁ ନିର୍ଦ୍ଦେଶନା ଦେଇଥିଲେ ପ୍ରଜ୍ଞା ପରିମିତା ମହାପାତ୍ର। ପଞ୍ଚମ ନାଟକ '୧୨୨୬/୭୨' ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଚିନ୍ମୟ ତ୍ରିପାଠୀ ଏହାର ନିର୍ଦ୍ଦେଶନା ଦେଇଥିଲେ।

# ଟ୍ରିପଲ ଇଞ୍ଜିନ ସରକାର ସତ୍ତ୍ୱେ ହେଉନି ମହାନଦୀ ଜଳ ବିବାଦ ସମାଧାନ

## କଲମା ବ୍ୟାରେଜ ତଳ ବାଲିବନ୍ଧକୁ ଭାଙ୍ଗିଲା ମହାନଦୀ ବଞ୍ଚାଅ ଆନ୍ଦୋଳନ

**ଝାରସୁଗୁଡ଼ା, ୨୯।୧(ସମିସ)**

ଟ୍ରିପଲ ଇଞ୍ଜିନ ସରକାର ଚାଲିଥିବା ସତ୍ତ୍ୱେ ମହାନଦୀ ଜଳ ବିବାଦର ସମାଧାନ ହୋଇ ପାରୁନାହିଁ। ଏଣେ ରାଜ୍ୟ ସରକାର କେବଳ ବାହାସ୍ଫୋଟ ମାରୁଛନ୍ତି। ଗୁରୁବାର ଛତିଶଗଡ଼ କଲମା ବ୍ୟାରେଜ ତଳେ ଥିବା ବାଲିବନ୍ଧକୁ ପ୍ରତୀକାତ୍ମକ ଭାବେ ଭାଙ୍ଗି ମହାନଦୀ ବଞ୍ଚାଅ ଆନ୍ଦୋଳନ ସଦସ୍ୟ ନ୍ୟାୟ ଦାବି କରିଛନ୍ତି। ଉଭୟ ରାଜ୍ୟ ଓଡ଼ିଶା ଏବଂ ଛତିଶଗଡ଼ ସମେତ କେନ୍ଦ୍ରରେ ବିଜେପିର ଟ୍ରିପଲ ଇଞ୍ଜିନ ସରକାର ରହିଥିବା ସତ୍ତ୍ୱେ ମହାନଦୀ ଜଳ ବିବାଦର ସମାଧାନ ହୋଇପାରୁ ନାହିଁ। ଏହାର ବିରୋଧରେ ଗୁରୁବାର କଲମା ବ୍ୟାରେଜ ତଳେ ଥିବା ବାଲିବନ୍ଧକୁ ପ୍ରତିକାତ୍ମକ ଭାବ ଭଙ୍ଗା ଯାଇଛି। ଛତିଶଗଡ଼ ସରକାର ଚାଲାକିରେ ପ୍ରଥମେ କଲମା ବ୍ୟାରେଜର ସମସ୍ତ ଗେଟ ବନ୍ଦ କରିଛି। କେବଳ ଲୋକ ଦେଖାଣିଆ ଭାବେ ଗୋଟିଏ ଗେଟକୁ ଖୋଲା ରଖିଛି। ଅନ୍ୟପଟେ କଲମା ବ୍ୟାରେଜର ତଳ ମୁହାଣରେ ମଧ୍ୟ ପୁଣି ବାଲିବନ୍ଧ ବାନ୍ଧି ମହାନଦୀରୁ ନିର୍ଗତ ସାମାନ୍ୟ ପାଣିକୁ ଅଟକାଇ ଓଡ଼ିଶାରେ ଚିରସ୍ରୋତା ମହାନଦୀ ପଠାକୁ ମରୁଭୂମିର ରୂପ ଦେବା ପାଇଁ ପ୍ରୟାସ କରୁଛି। ଏହାର ବିରୋଧରେ ମହାନଦୀ ପାଇଁ ନ୍ୟାୟ ଦାବି କରି ଗୁରୁବାର ଅଭିନବ ଉପାୟରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପ୍ରତିବାଦ କରାଯାଇଛି। ବିଗତ କିଛି ବର୍ଷ ଧରି ଓଡ଼ିଶା ସରକାର ମହାନଦୀରେ ନିରବଚ୍ଛିନ୍ନ ଜଳପ୍ରବାହ ପାଇଁ ପଡୋଶୀ ରାଜ୍ୟ ସରକାର ସହିତ ବିଭିନ୍ନ ସ୍ତରରେ ଆଲୋଚନା ସହିତ ଟ୍ରିବୁନାଲ ପର୍ଯ୍ୟନ୍ତ କଥା ଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ କୌଣସି ସମାଧାନର ବାଟ ବାହାରି ପାରିଲା ନାହିଁ। ସେପଟେ ଛତିଶଗଡ଼ ଦିନକୁ ଦିନ ବାଲିବନ୍ଧ ଅବା ମହାନଦୀର ଶାଖା ନଦୀ ଗୁଡିକରେ ବ୍ୟାରେଜ ନିର୍ମାଣ କରିବାରେ ଲାଗିଛି। ପ୍ରତିବାଦରେ ଆଜି ମହାନଦୀ ବଞ୍ଚାଅ ଅଭିଯାନର ଆବାହକ ସୁଦର୍ଶନ ଦାସଙ୍କ ଡେଲିଗେସନ ଛତିଶଗଡ଼ କଲମା ବ୍ୟାରେଜ ତଳମୁଣ୍ଡରେ ଥିବା ସେହି ବାଲିବନ୍ଧ ନିକଟରେ ପହଞ୍ଚିଥିଲେ। ଆନ୍ଦୋଳନ କମିଟିର ସଭାପତି ସହ ଅନ୍ୟ କର୍ମକର୍ତ୍ତା ମାନେ ମିଳିତ ଭାବେ ସକାଳେ ଓଡ଼ିଶା ସୀମାବର୍ତ୍ତୀ ଝାରସୁଗୁଡ଼ା ଜିଲ୍ଲା କନକତୋରା ଠାରେ



ଏକାଠି ହୋଇ କଲମା ବ୍ୟାରେଜ ଅଭିମୁଖେ ଯାତ୍ରା କରିଥିଲେ। କଲମା ବ୍ୟାରେଜର ସ୍ଥିତି ନିରୀକ୍ଷଣ କରିବା ପରେ ପ୍ରତୀକାତ୍ମକ ଭାବେ ବାଲିବନ୍ଧକୁ ଭାଙ୍ଗି ମହାନଦୀ ବଞ୍ଚାଅ ଆନ୍ଦୋଳନର ସଦସ୍ୟ ମହାନଦୀ ପାଇଁ ନ୍ୟାୟ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଓ ଛତିଶଗଡ଼ର ଅନେକ ସମାଜକର୍ମୀ ଓ ନଦୀ ଆନ୍ଦୋଳନକାରୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଛତିଶଗଡ଼ର ଜନ ସଂଘର୍ଷ ମୋର୍ଚ୍ଚାର ରାଜେଶ ଶର୍ମା, ଝାରସୁଗୁଡ଼ା କୃଷକ ସଂଗଠନର ପ୍ରବକ୍ତା ବିରଞ୍ଚି ସାହୁ, ହୀରାକୁଦ ବୁଡି ଅଞ୍ଚଳ ସମ୍ପାଦକ ଗୋପୀନାଥ ମାଝୀ, ସଙ୍କୀର୍ତ୍ତନ କୁମୁରା, ମୁରଲି ମାଝୀ, ସୁରେନ୍ଦ୍ର ମାଝୀ, ତରୁଣ ମାଝୀ, ବିନୋଦ ବିଶ୍ୱାଳ, ଗୌତମ ସାହୁ, ଚିଦାନନ୍ଦ ଜେନା, ଜଗନ୍ନାଥ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମ ଶେଷ ହେଲା ପରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା ମାନେ ଚନ୍ଦ୍ରପୁରର ସମାଜସେବୀ ଜଗନ୍ନାଥ ଶର୍ମା, ସରାଙ୍ଗଗଡ଼ର ବିଶିଷ୍ଟ ପରିବେଶବିତ ଡ.ପରିବେଶ ମିଶ୍ରଙ୍କୁ ସାକ୍ଷାତ କରି ମହାନଦୀ ଜଳବିବାଦର ସମାଧାନ ଓ ନଦୀର ସୁରକ୍ଷା ପାଇଁ ଭବିଷ୍ୟତର ମିଳିତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ।

# ‘ଆର୍‌ଏସ୍‌ପି ଗୌରବ’ର ବିଜେତା ପୁରସ୍କୃତ

**ରାଉରକେଲା, ୨୯।୧ (ସମିସ):** ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ଆୟୋଜିତ ଗଣତନ୍ତ୍ର ଦିବସ ସମାରୋହରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ୩ ଜଣ କର୍ମଚାରୀ ଏବଂ ୩ ଜଣ ଅଧିକାରୀଙ୍କୁ ‘ଆରଏସପି ଗୌରବ’



ପୁରସ୍କାର ପ୍ରଦାନ କରିଛନ୍ତି। କର୍ମଚାରୀ ବର୍ଗରେ ପ୍ରଥମ ୩ଟି ପୁରସ୍କାର ଓ ଅଧିକାରୀ ବର୍ଗରେ ୩ ପୁରସ୍କାର ପ୍ରଦାନ କରାଯାଇଥିଲା। କର୍ମଚାରୀ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୩ ଜଣ ହେଉଛନ୍ତି କୋକ ଓଭେନ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ପୁରୁଷୋତ୍ତମ ମେହେର, ସିଲିକନ୍ ଷ୍ଟିଲ ମିଲ ବିଭାଗର ଜୁନିୟର ଇଞ୍ଜିନିୟର କେଦାରନାଥ ହୁଇ ଏବଂ କୋଲ୍ କେମିକାଲ ବିଭାଗର ଜୁନିୟର ଇଞ୍ଜିନିୟର ଭାଗିରଥୀ ଜେନା। ଅଧିକାରୀ ବର୍ଗରେ ଆରଆଣ୍ଡସି ଲାବୋରେଟୋରୀର ସିନିୟର ମ୍ୟାନେଜର ଖୁସବୁ ମିଶ୍ର ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ କଣ୍ଟ୍ରାକ୍ଟ ସେଲ୍‌ଫ ବିଭାଗର ସିନିୟର ମ୍ୟାନେଜର କବିତା ବିଷୋୟୀ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଜ୍ଞା ପି ନାଥ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଲାଭ କରିଥିଲେ। ‘ମୋ ଆରଏସପି ମୋ ଗୌରବ’ ପୁରସ୍କାର ଯୋଜନା ଜାନୁଆରୀ ୨୦୨୩ରେ ଆରମ୍ଭ ହୋଇଥିଲା। ପ୍ରତିଯୋଗିତାର ସପ୍ତମ ପର୍ଯ୍ୟାୟ ଜାନୁଆରୀ ୧ ରୁ ୧୫ ପର୍ଯ୍ୟନ୍ତ ଜାରି ରହିଥିଲା। ଆରଏସପି ପୋର୍ଟାଲ କର୍ମଚାରୀ ଜୋନ ଏବଂ ମୋବାଇଲ ଆପ କର୍ମୀ ମିତ୍ରରେ ୨୯୭୨ ଜଣ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଅଧିକାରୀଙ୍କ ଏକ କମିଟି ପଞ୍ଜୀକୃତ ବାର୍ତ୍ତା ଗୁଡିକୁ ମୂଲ୍ୟାଙ୍କନ କରିଥିଲେ। ଏଥିରେ କର୍ମଚାରୀମାନଙ୍କ ନାମ ଗୋପନୀୟ ରଖାଯାଇଥିଲା। ପ୍ରତିଷ୍ଠାନ ସହିତ କର୍ମଚାରୀଙ୍କ ସମ୍ପର୍କକୁ ଅଧିକ ନିବିଡ ଗଢ଼ିବା ତଥା ସେମାନଙ୍କୁ ପ୍ରତିଷ୍ଠାନର ବାର୍ତ୍ତାବହ ରୂପେ ପ୍ରସ୍ତୁତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି।

# କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ

**ଝାରସୁଗୁଡ଼ା, ୨୯।୧(ସମିସ):** ଝାରସୁଗୁଡ଼ା ସଦର ବ୍ଲକ ବଡମାଲ ଅଞ୍ଚଳରେ ଥିବା ଏକ କମ୍ପାନୀରେ ଜଣେ କାର୍ଯ୍ୟରତ କର୍ମଚାରିଙ୍କ ବୁଧବାର ବିଳମ୍ବିତ ରାତ୍ରିରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ସୁନ୍ଦରଗଡ଼ ଜିଲ୍ଲାର ସୁଶିଲ ବୁଡ଼ (୪୮) ବୋଲି ସୂଚନା ରହିଛି। ସେ ଗତକାଲି ରାତି ପ୍ରାୟ ୮ଟାରେ କମ୍ପାନୀ ଭିତରକୁ ଯାଇଥିଲେ। ପ୍ରାୟ ୮.୨୦ ପାଖାପାଖି ୟୁନିଫର୍ମ ଚେଞ୍ଜ କରୁ ଥିବା ସମୟରେ ତାଙ୍କ ଦେହ ଅସୁସ୍ଥ ହୋଇଥିଲା। ଆଖପାଖରେ ଥିବା କର୍ମଚାରୀ ମାନେ ତାଙ୍କୁ ପ୍ଲାଣ୍ଟର ଡିସ୍ପେନ୍ସରୀକୁ ପ୍ରଥମେ ନେଇଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଗୁରୁବାର ସକାଳୁ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ପ୍ରବୀର ଗଙ୍ଗଦେବଙ୍କ ପରଲୋକ

**ଦେବଗଡ଼, ୨୯।୧(ସମିସ):** ବାମଣ୍ଡା ଗଡ଼ ତତ୍କାଳୀନ ରାଜା ସାର ବାସୁଦେବ ସୁଢ଼ଳ ଦେବଙ୍କ ନାତି ତଥା ଲାଲସାହେବ ପଦ୍ମଲୋଚନ ଦେବଙ୍କ କନିଷ୍ଠପୁତ୍ର



ଲାଲ ପ୍ରବୀର ଗଙ୍ଗଦେବଙ୍କ ୮୯ ବର୍ଷ ବୟସରେ ଗତକାଲି ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ରୀତା ଦେବୀ, ପୁତ୍ର ସଞ୍ଜୀବ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ ଏବଂ ପରିବାର ଲୋକ ଉପସ୍ଥିତ ଥିଲେ। ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସକାଳେ ପ୍ରଧାନପାଟ ସ୍ଥିତ ରାଜପରିବାର ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ସଞ୍ଜୀବ ମୁଖାଗ୍ନି ଦେଇଥିଲେ।

# ରିଆମାଳରେ ‘ଆମ ପୁଲିସ ସମିତି’ କାର୍ଯ୍ୟକ୍ରମ

**ରିଆମାଳ, ୨୯।୧(ସମିସ):** ରିଆମାଳ ଥାନାରେ ଗୁରୁବାର ‘ଆମ ପୁଲିସ ସମିତି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରିଆମାଳ ଥାନା ଅଧିକାରୀ ବିନୟ କେରକେଟା ଏଥିରେ ଅଧ୍ୟକ୍ଷତା କରିଥିଲେ। ଜନସାଧାରଣ ଓ ପୁଲିସ୍ ମଧ୍ୟରେ ସୁସମ୍ପର୍କ ରହିବା ଉପରେ ଗୁରୁତ୍ୱ ଦେଇଥିଲେ। ମାର୍କେଟ ଉପରେ ମଦ ବିକ୍ରି ବନ୍ଦ ହେଉ, ବେଆଇନ ବିଦେଶୀ ମଦ ଚାଲାଣରେ ରୋକ, ରାସ୍ତା ଉପରେ ବେଆଇନ୍ ବାଲି, ମାଟି, ଚିପ୍ସ ରଖିବା, ବାଇକ୍ ଆରୋହୀଙ୍କ ପାଇଁ ହେଲମେଟ୍, ଦୋକାନ ବଜାର ରାସ୍ତା ଉପରେ ସାମଗ୍ରୀ ନ ରଖିବା, ଦ୍ରୁତ ଗତିରେ ଗାଡି ଚାଳନା ନ କରିବା ପାଇଁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ଏସବୁର କଡାକଡି ଯାଞ୍ଚ ପ୍ରକ୍ରିୟା ହେବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଏସ୍ ଚିନ୍ମୟୀ ସାହୁ, ଏସ୍‌ଆଇ ମହେଶ୍ୱର ଦଳନାୟକ ଉପସ୍ଥିତ ଥିଲେ। ଆମ ପୁଲିସ ସମିତିର ସଦସ୍ୟ, ବହୁ ସରପଞ୍ଚ, ଜନସାଧାରଣ ଉପସ୍ଥିତ ଥିଲେ।

# ମଦ ପ୍ରସ୍ତୁତି ବେଳେ ପୁଲିସ ଚଢ଼ଉ, ୨ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ

**ଝାରସୁଗୁଡ଼ା, ୨୯।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ଲିମଡିହି ଜଙ୍ଗଲରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ପାଇଁ ମହୁଲ ପୋଚ ରଖିଥିବା ସ୍ଥାନରେ ଗୁରୁବାର ରେଙ୍ଗାଲି ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇଛି। ଏଥିରେ ପ୍ରାୟ ୨ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ କରାଯାଇଛି। ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ପୁଲିସ ଟିମ ଅଚାନକ ଚଢ଼ଉ କରିଥିଲା। ଅତାବିରା ପଞ୍ଚାୟତ ଅଧୀନ ଲିମଡିହି ଜଙ୍ଗଲ ଅଞ୍ଚଳରେ ଥିବା ଏହି ମହୁଲ ପୋଚକୁ ନଷ୍ଟ କରାଯାଇଥିଲା। ଦେଶୀ ମଦ ତିଆରି କାରବାରରେ ଜଡିତ ଲୋକଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ଦେଶୀ ମଦ ପ୍ରସ୍ତୁତି ରୋକିବା ପାଇଁ ଅଭିଯାନକୁ ଆହୁରି ତୀବ୍ର କରାଯିବ ବୋଲି ପୁଲିସ ତରଫରୁ କୁହାଯାଇଛି।

# ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି

**ରାଉରକେଲା, ୨୯।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଅଧୀନ ନୂଆଗାଁ ବ୍ଲକରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଦ୍ୱାରା ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ବ୍ଲକ ଉନ୍ନୟନ ଅଧିକାରୀ ଜ୍ୟୋତି ବିକାଶ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୁଣାଣିରେ ଜିଲ୍ଲାପାଳ ଡ.ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଅତିରିକ୍ତ ଏସପି ମହେନ୍ଦ୍ର ନାଥ ମୁର୍ମୁ, ହାତୀବାରୀ ଥାନା ଅଧିକାରୀ, ବୀରମିତ୍ରପୁର ତହସିଲଦାର ଗୌରୀ ନାୟକ ସମେତ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋଙ୍କ ସହ ପୂର୍ତ୍ତ ବିଭାଗ ଗ୍ରାମ୍ୟ ଉନ୍ନୟନ ବିଭାଗ, ପାନୀୟ ଜଳ ବିଭାଗ, ମନରେଗା ବିଭାଗ, କୃଷି ବିଭାଗ, ମତ୍ସ୍ୟ ବିଭାଗ, ଉଦ୍ୟାନ ବିଭାଗ ତଥା ଯୋଗାଣ ବିଭାଗର ଅଧିକାରୀମାନେ ଶୁଣାଣିରେ ଅଂଶଗ୍ରହଣ କରିଥିଲେ। ଶୁଣାଣିରେ ମୋଟ ୧୧୩ଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତିଗତ ଭାବେ ୨୬ଟି ଓ ସାମୂହିକ ଭାବେ ୮୬ଟି ଅଭିଯୋଗ ଉପସ୍ଥାପିତ ହୋଇଥିଲା। ବିଶେଷ କରି ରାସ୍ତା ଘାଟ ସମସ୍ୟା, ପାନୀୟ ଜଳ, ସମସ୍ୟା ଆଦି ପ୍ରମୁଖ ରହିଥିଲା। ଜିଲ୍ଲାପାଳ ଶ୍ରୀ ମହାପାତ୍ର ଅଭିଯୋଗ ଗୁଡିକୁ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାରିଲେପଟା ସରପଞ୍ଚ ନିଜେ ପତ୍ରାପାଲି ରାସ୍ତା ଓ କଲଭର୍ଟ ନିର୍ମାଣ ପାଇଁ ଓ ମେନମେନା ପଞ୍ଚାୟତରେ ପଡୁଥିବା ଜଟିଆ ମନ୍ଦିର ରାସ୍ତା ପାଇଁ ଗାଁର ଜନତା ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଯଥାଶୀଘ୍ର ସମାଧାନ କରିବା ପାଇଁ ଲିଖିତ ଅଭିଯୋଗ ଦେଇଥିଲେ। ବିଶେଷ କରି ରାସ୍ତାଘାଟ, ପାନୀୟ ଜଳ, ରାସନ କାର୍ଡ ଓ ବିଦ୍ୟୁତ ସେବା ଠିକ୍ ଭାବେ ମିଳୁ ନଥିବା ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଶୁଣାଣିରେ ସମସ୍ତ ସରପଞ୍ଚ ସମିତି ସଭ୍ୟ ଜିଲ୍ଲା ପରିଷଦ ସଭ୍ୟ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ରାଉରକେଲା ହକର୍ସ ଆସୋସିଏସନ ପକ୍ଷରୁ ନୂଆ ବସଷ୍ଟାଣ୍ଡରେ ଗଣତନ୍ତ୍ର ଦିବସ ପାଳିତ



ସେକ୍ଟର-୬ ତ୍ରିନାଥ ମନ୍ଦିର ପରିସରରେ ଗଣତନ୍ତ୍ର ଦିବସ ପାଳିତ

# ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା

**ଦେବଗଡ଼, ୨୯।୧(ସମିସ):** ଜିଲ୍ଲାର ୪୨ ଜଣ ଦଶମ ଶ୍ରେଣୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ଗୁରୁବାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ମାଲ୍ୟଗିରି ହାଇୱେଜ ପ୍ରାଇଭେଟ ଲିମିଟେଡ ଅଧୀନ କ୍ୟୁବରୁଟ୍‌ସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ମେଧାବୀ ଛାତ୍ରଛାତ୍ରୀଙ୍କର ଉଚ୍ଚଶିକ୍ଷାରେ ସହାୟତା ଉଦ୍ଦେଶ୍ୟରେ ଅନୁଷ୍ଠାନର ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର ଯୋଗ ଦେଇ ୪୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ମାଲ୍ୟଗିରି ହାଇୱେଜ ପ୍ରକଳ୍ପ ମୁଖ୍ୟ ସଞ୍ଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଦେବଗଡ଼ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସଡିପିଓ ରମେଶ ମାହାନା, ଜିଲ୍ଲା ଶିକ୍ଷା ଅଧିକାରୀ ଗେହ୍ରାକୁଜୁର, ରେସିଡେଣ୍ଟ ଇଞ୍ଜିନିଅର ଶୁଭେନ୍ଦୁ ଦାସ ଓ ଏନଏଚଏଆଇ ଉପଦେଷ୍ଟା ରାକେଶ ରାୟ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଦେବଗଡ଼ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ଛାତ୍ରବୃତ୍ତି ପ୍ରଦାନ କରାଯାଇ ଥିବାରୁ ପିଲାଙ୍କ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଅତିଥି ବୃନ୍ଦ ପ୍ରକାଶ କରିଥିଲେ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ଉଦ୍‌ଘାଟିତ

**ଦେବଗଡ଼, ୨୯।୧(ସମିସ):** ସମନ୍ୱିତ ଚାଷ ଓ ଚାଷୀଙ୍କ ବିକାଶ ପାଇଁ ଦେବଗଡ଼ ଜିଲ୍ଲାରେ ଗୁରୁବାର ଠାରୁ ଆରମ୍ଭ ହୋଇଛି ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ। ବଡ଼ବଗିଚା ପଡ଼ିଆରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଏହା ୫ ଦିନ ଧରି ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପକ୍ଷରୁ ଚାଷୀଙ୍କୁ ଆର୍ଥୀକ ପ୍ରୋତ୍ସାହନ ଏବଂ ରିହାତି ଦରରେ କୃଷି ଯନ୍ତ୍ରପାତି ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ଚାଲିଛି। କୃଷି ପାଠଶାଳା ମାଧ୍ୟମରେ



ଦିନବେଳା ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଉଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଘୋଷକ ଓ ଉଦଘୋଷିକା ଭାବେ ପ୍ରିତମ ବେହେରା ଓ ସୁମନ ମହାକୁଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଓ ଏସଏଚଜି ମହିଳା ସାମିଲ ହେବା ସହିତ କୃଷି ଯନ୍ତ୍ରପାତି କ୍ରୟ କରିଥିଲେ। ଚାଷୀଙ୍କୁ ସବସିଡି ଯୋଗେ କୃଷି ଉପକରଣ ଯୋଗାଇ ଦେବାରେ ଏହି ମହୋତ୍ସବ ଏକ ପ୍ରମୁଖ ମାଧ୍ୟମ ପାଲଟିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବରେ ଅନେକ ବ୍ୟବସାୟୀ ବିଭିନ୍ନ କୃଷି ଉପକରଣ ଏବଂ ଯନ୍ତ୍ରପାତି ବିକ୍ରି କରୁଥିବା ଜଣାପଡ଼ିଛି।

## ନାବାଳିକାକୁ ଅସଦାଚରଣ ମାମଲା

# ଦୋଷୀକୁ ୨୦ ବର୍ଷ ଜେଲ

**ଝାରସୁଗୁଡ଼ା, ୨୯।୧ (ସମିସ):** ଝାରସୁଗୁଡ଼ା ଅତିରିକ୍ତ ଜିଲା ଓ ଦୌରା ଜଜ୍ (ପକ୍ସୋ କୋର୍ଟ) ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତ ବବ୍ ଓରଫ ଡିକସନ ସିଂଘରିଆ (୨୩) କୁ ଗୁରୁବାର ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପୀଡିତାଙ୍କୁ ଜରିମାନା ନ ଦେଲେ ଆହୁରି ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସରକାରଙ୍କୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଅତିରିକ୍ତ ଜିଲା ଓ ଦୌରା ଜଜ୍ (ପକ୍ସୋ କୋର୍ଟ) ବିଚାରପତି ପୂଜା ଷଡଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ଝାରସୁଗୁଡ଼ା ସଦର ଥାନା ଅଞ୍ଚଳର ଏକ ୪ ବର୍ଷର ନାବାଳିକା ଝିଅ ସହିତ ଦୋଷୀ ଡିକସନ ୨୦୨୪ ଡିସେମ୍ବର ୧୩ରେ ଅସଦାଚରଣ କରିଥିଲା। ଏନେଇ ନାବାଳିକାର ମାଆ ୧୫ ତାରିଖରେ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହିତ ଘଟଣାର ତଦନ୍ତ କରି କୋର୍ଟ ଚାଲାଣ କରିଥିଲା। ୨୦୨୫ ଜାନୁଆରୀ ୨୪ରେ ଥାନାଧିକାରୀ ସ୍ୱପ୍ନାରାଣୀ ଗୋଚ୍ଛାୟତ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଏହି ମାମଲାର ଆଜି ପକ୍ସୋ କୋର୍ଟ ବିଚାର କରି ୧୪ ସାକ୍ଷୀ ଏବଂ ୩୨ଟି ରିପୋର୍ଟର ଦସ୍ତାବିଜ୍‌କୁ ଆଧାର କରି ରାୟ ପ୍ରକାଶ କରିଛନ୍ତି। ଝାରସୁଗୁଡ଼ା ଅଭିଯୋଜନାର ଉପନିର୍ଦ୍ଦେଶକ ବୃନ୍ଦାବନ ନାୟକଙ୍କ ତତ୍ତ୍ୱାବଧାନରେ ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପିରାଜ ଶ୍ରୀବାସ ପରିଚାଳନା କରିଥିଲେ।

## ନବ ଦାସଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ପାଳିତ

# ଝାରସୁଗୁଡ଼ାବାସୀଙ୍କ ପ୍ରତି ସେବା ଓ ସମର୍ପଣ ପାଇଁ ନବ ଦାସ ଚିର ଅମର

**ଝାରସୁଗୁଡ଼ା, ୨୯।୧(ସମିସ)**

ଝାରସୁଗୁଡ଼ା ସହର ସ୍ଥିତ ନବ ଦାସ ଅଡିଟୋରିୟମ ଠାରେ ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ, ଝାରସୁଗୁଡ଼ାର ପୂର୍ବତନ ବିଧାୟକ ତଥା ପଶ୍ଚିମ ଓଡ଼ିଶାର ଟାଣୁଆ ନେତା ସ୍ୱର୍ଗତ ନବ କିଶୋର ଦାସଙ୍କ ୩ୟ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ମହାସମାରୋହରେ ପାଳିତ ହୋଇଛି। ସକାଳେ ପ୍ରଥମେ ନବ ଦାସ ଫାଉଣ୍ଡେସନ ଏବଂ ଜିଲ୍ଲାର ବିଭିନ୍ନ ସଂଗଠନ ତଥା ଜିଲ୍ଲା ବାହାରୁ ଆସିଥିବା ସ୍ୱର୍ଗତ ନବ ଦାସଙ୍କ ଅନୁଗତ ମାନେ ଏକ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ବାଇକ ରାଲି କରି ସରବାହାଲ ଠାରୁ ଏସ୍‌ପି ଅଫିସ ଠାରେ ଥିବା ନବ ଦାସଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ପହଞ୍ଚିଥିଲେ। ଏହି ବିଶାଳ ବାଇକ ରାଲିରେ ନବ ଦାସଙ୍କ ପୁତ୍ର ବିଶାଳ ଦାସଙ୍କ ସହିତ ରାଜ୍ୟ ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା, ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ପଶ୍ଚିମ ଓଡ଼ିଶାର ବିଜେଡି ନେତା ସଞ୍ଜିତ ମହାନ୍ତି ମଧ୍ୟ ସାମିଲ ଥିଲେ। ଏହାପରେ ନବ ଦାସଙ୍କ ପ୍ରତିମୂର୍ତ୍ତିରେ ତାଙ୍କ ପରିବାର ସହିତ ନେତା ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଆରମ୍ଭ ହୋଇଥିଲା। ସଭାରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ନବ ଦାସଙ୍କ ସହିତ ତାଙ୍କର ପିଲାଦିନ ଠାରୁ ଆରମ୍ଭ କରି ରାଜନୈତିକ ଜୀବନ ମଧ୍ୟରେ ରହିଥିବା ସମ୍ପର୍କ ବିଷୟରେ କହିଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଭାବେ ରାଜ୍ୟ ଛାତ୍ର ବିଜେଡିର ସଭାପତି ଇପ୍ସିତା ସାହୁ ଶ୍ରଦ୍ଧାଞ୍ଜଳି ବାର୍ତ୍ତା ପଢ଼ିଥିଲେ। ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ନେତା ସଞ୍ଜୟ ଦାସବର୍ମା ନବ ଦାସଙ୍କ ସ୍ମୃତିଚାରଣ କରିଥିଲେ। ବିଜେଡି ସରକାର ସମୟରେ ଝାରସୁଗୁଡ଼ା ଚାଷୀଙ୍କ ପାଇଁ ବିଭିନ୍ନ କଲେଜର ସରକାରୀ କରଣ ପାଇଁ ସେ କିପରି ରାଜ୍ୟ ମନ୍ତ୍ରୀମଣ୍ଡଳକୁ ଚାପ ପକାଇ ଝାରସୁଗୁଡ଼ା ବାସୀଙ୍କ ଦୁଃଖକୁ ଲାଘବ କରିବା ପାଇଁ ପ୍ରୟାସ କରୁଥିଲେ, ତାହାର ଉଦାହରଣ ଦେବା ସହିତ ନବ ଦାସ ପଶ୍ଚିମ ଓଡ଼ିଶାର ଜଣେ ଅଦ୍ୱିତୀୟ ରାଜନେତା ବୋଲି ମତ ପ୍ରକାଶ କରିଥିଲେ। ନବ ଦାସଙ୍କ ପୁଅ ବିଶାଳ ଦାସ ତାଙ୍କ ଅଭିଭାଷଣ ରଖିବା ବେଳେ ଭାବ ବିହ୍ୱଳ ହୋଇ ପଡ଼ିଥିଲେ। ନବ ଦାସଙ୍କ ପରିବାର କହିଲେ ଝାରସୁଗୁଡ଼ା ବାସୀଙ୍କୁ ବୁଝାଏ ବୋଲି ସେ କହିଥିଲେ। ଝିଅ ଦୀପାଳି ଦାସ କୋହଭରା ଅଭିଭାଷଣ ଦେଇ କହିଥିଲେ ଯେ ମୁଁ ଏବଂ ମୋର ଭାଇ ବଞ୍ଚିଥିବା ପର୍ଯ୍ୟନ୍ତ ଝାରସୁଗୁଡ଼ା ଜନସାଧାରଣଙ୍କ ସହ ଓତଃପ୍ରୋତ ଭାବେ ଯୋଡି ହୋଇରହିବୁ।

ଶ୍ରାଦ୍ଧ ସଭାରେ ଯୋଗ ଦେଇଥିବା ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ଦେବଗଡ଼ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ମଧ୍ୟ ନବ ଦାସଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ନିଶା ନିବାରଣ ପାଇଁ ସାରା ବିଶ୍ୱରେ ସଚେତନତା କରିଥିବା ଦୁର୍ଲଗାର ଅଭିରାମ ଶତପଥୀ, ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଝାରସୁଗୁଡ଼ା ଜିଲ୍ଲା ନାଚେନମୁରାର ଜୟଶ୍ରୀ ଦେହେରିଆ, ଦ୍ୱାନମୁଣ୍ଡାର ଅନୁପମା ଗର୍ଡ଼ିଆ, ଖୁସୁବୁ ଜୟପୁରିଆ, ଆଇଏଏସ ପାଇଥିବା ଡ.ରୀନା ପ୍ରଧାନ, ତୀର୍ଥବାସୀ ପଟେଲଙ୍କ ବିକାଶ ହସ୍ପିଟାଲ, ସଞ୍ଜୀବନି ହସ୍ପିଟାଲ, ଦିବ୍ୟଦୃଷ୍ଟି ସଂଗଠନଙ୍କୁ ‘ନବ ଦାସ ସ୍ମୃତି ସମ୍ମାନ’ରେ ଅତିଥି ମାନେ ପୁରସ୍କୃତ କରିଥିଲେ। ଏହା ସହିତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସାଇକଲ, ସାଉଣ୍ଡ ସିଷ୍ଟମ ପ୍ରଦାନ କରିବା ସହିତ ନବ ଦାସଙ୍କ ଚିତ୍ର ଆଙ୍କିଥିବା ତିନି ଜଣ ପ୍ରତିଯୋଗୀଙ୍କୁ ଯଥା କ୍ରମେ ୨୦ ହଜାର, ୧୫ ହଜାର ଏବଂ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହିତ ନବ ଦାସ ଫାଉଣ୍ଡେସନ ତରଫରୁ ବିଗତ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ କରାଯାଇଥିବା ବକ୍ତୃତା, ରଚନା ତଥା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ଅତିଥି ମାନେ ପୁରସ୍କୃତ କରିଥିଲେ। ନବ ଦାସ ଫାଉଣ୍ଡେସନ ତରଫରୁ ରକ୍ତଦାନ ଶିବିର କରାଯାଇଥିଲା। ଏଥିରେ ୧୧୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶ୍ରାଦ୍ଧ ସଭାରେ ସ୍ୱର୍ଗତ ନବ ଦାସଙ୍କ ପିତା, ପତ୍ନୀ ମିନତୀ ଦାସ, ବୋହୂ ଚାରବି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ କିଶୋର ନାଇକ, ଦେବେଶ ଆଚାର୍ଯ୍ୟ, ସିଦ୍ଧାର୍ଥ ଦାସ, ବେଦାନ୍ତ କମ୍ପାନୀ ସି ଓ ସି ଚନ୍ଦ୍ରୁ, ସୁନୀଲ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ଶ୍ରାଦ୍ଧ ବାର୍ଷିକୀରେ ଝାରସୁଗୁଡ଼ା ଜିଲ୍ଲା ସହିତ ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଜିଲ୍ଲାର ବହୁ ରାଜନେତାଙ୍କ ସହିତ ସ୍ୱର୍ଗତ ନବ ଦାସଙ୍କ ଅନୁଗତ ଉପସ୍ଥିତ ରହିଥିଲେ। ଏହା ସହିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ହରିସ ଗଣତ୍ରା, ବିଶ୍ୱନାଥ ତ୍ରିପାଠୀ, ଦାମୋଦର ନାଥ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ବିଜେଡି ଯୁବ ସଭାପତି ରବୀନ ପାଣ୍ଡେ, ବିଜେଡି ଛାତ୍ର ସଭାପତି ଶୁଭାଶିଷ ପଟ୍ଟନାୟକ, ବାସୁଦେବ ଭଇଁସା, ଭୋଜରାଜ ପଟେଲ, ଝାରସୁଗୁଡ଼ା ପୌର ପରିଷଦ ଅଧ୍ୟକ୍ଷା ରାନୀ ହାତୀ, ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷ ସୀତାନୀଙ୍କ ସହିତ ଶତାଧିକ ନବ ପ୍ରେମୀ ଉପସ୍ଥିତ ଥିଲେ।







